ସକାଳ
THE SAKALA



### ଆର୍‌ଏସ୍‌ଏସ୍‌ର ଡିଆଇସିଙ୍କ ସହ ଆଲୋଚନା

# ଲାଇସେନ୍ସ ପ୍ରାପ୍ତ କ୍ୱାର୍ଟର୍ସ, ଡବଲ୍ କ୍ୱାର୍ଟର୍ସ ଓ ରିଟେନ୍‌ସନ୍ ସ୍କିମ୍ ନେଇ ମିଳିଲା ଆଶ୍ୱସ୍ତି

ରାଉରକେଲା, ୬।୬(ସମିସ)

ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ କର୍ମଚାରୀଙ୍କ ଲାଇସେନ୍ସପ୍ରାପ୍ତ ସମ୍ପ୍ରସାରିତ ଆର୍‌ଏସ୍‌ପି କ୍ୱାର୍ଟର୍ସକୁ ଉଚ୍ଛେଦ ପାଇଁ ଆର୍‌ଏସ୍‌ପି ପକ୍ଷରୁ କରାଯାଇଥିବା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସମେତ ବିଭିନ୍ନ ଦାବିରେ ଗତ ୪ ତାରିଖ ଦିନ ରାଉରକେଲା ଶ୍ରମିକ ସଂଘର ଆହ୍ୱାନ କ୍ରମେ ସେକ୍ଟର୨ ସହରସେବା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଗଣବିକ୍ଷୋଭ ହୋଇଥିଲା। ଶନିବାର ସନ୍ଧ୍ୟାରେ ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମାଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାପରେ ଆରଏସପି ଅବସରପ୍ରାପ୍ତ କର୍ମଚାରୀଙ୍କ ସମ୍ପ୍ରସାରିତ ଲାଇସେନ୍ସ କ୍ୱାର୍ଟର୍ସ, ଡବଲ କ୍ୱାର୍ଟର୍ସର ଉଚ୍ଛେଦ ବିଜ୍ଞପ୍ତି ନେଇ ଏକ ବଡ଼ ଆଶ୍ୱସ୍ତି ମିଳିଥିବା ସୂଚନା ମିଳିଛି। କେବଳ ପାଣି ପାଇପ ଓ ଡ୍ରେନ୍ ଜବରଦଖଲ ଲାଇସେନ୍ସ ସମ୍ପ୍ରସାରଣ କରାଯାଇଥିବା କ୍ୱାର୍ଟର୍ସ ଏବଂ ବର୍ଷବର୍ଷ ଧରି ଭଡ଼ା ବାକି ରଖିଥିବା କ୍ୱାର୍ଟର୍ସଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ଆରଏସପି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହେବ। ମାତ୍ର ଅନ୍ୟ ସମ୍ପ୍ରସାରିତ ଲାଇସେନ୍ସ କ୍ୱାର୍ଟର୍ସ ଉଚ୍ଛେଦ ଉପରେ ପୁନଃବିଚାର ହେବ ବୋଲି ଆଲୋଚନାରେ ନିଷ୍କର୍ଷ ବାହାରିଥିବା ସୂଚନା ମିଳିଛି। ଏତଦ୍‌ବ୍ୟତୀତ ୧୮ ମାସିଆ କ୍ୱାର୍ଟର୍ସ ରିଟେନ୍ସନ୍ ସ୍କିମରେ ଅବସର ପରେ କର୍ମଚାରୀ ୧୮ ମାସ ପର୍ଯ୍ୟନ୍ତ କ୍ୱାର୍ଟର୍ସରେ ରହି ପାରିବେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଲାଇସେନ୍ସ କ୍ୱାର୍ଟର୍ସ, ଡବଲ କ୍ୱାର୍ଟର୍ସ ଏବଂ ୧୮ ମାସିଆ କ୍ୱାର୍ଟର୍ସ ରିଟେନ୍ସନ୍ ସ୍କିମ୍



ଫାଇଲ ଫଟୋ

ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଆଜି ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମାଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଥିଲେ। ଯେଉଁ ଲାଇସେନ୍ସଧାରୀମାନେ କ୍ୱାର୍ଟର୍ସ ସମ୍ପ୍ରସାରଣ ସମୟରେ ଡ୍ରେନ୍, ରାସ୍ତା କିମ୍ବା ବିଦ୍ୟୁତ ଖୁଣ୍ଟ ଆଦିକୁ ଅବରୋଧ କରିଛନ୍ତି, ସେହିସବୁ ବେଆଇନ ସମ୍ପ୍ରସାରିତ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ତେଣୁ ଶୀଘ୍ର ସେସବୁ ବେଆଇନ ନିର୍ମାଣକୁ ହଟାଇ ଦେବାକୁ କୁହାଯାଇଛି। ସେହିପରି ଆରଏସପିର କ୍ୱାର୍ଟର୍ସ ନେଇଥିବା ଯେଉଁ ଲାଇସେନ୍ସଧାରୀଙ୍କର ଦୀର୍ଘବର୍ଷ ଧରି ବକେୟା ଦେୟ ରହିଛି, ସେମାନେ ତୁରନ୍ତ ତାହା ପୈଠ କରିବାକୁ ଡିଆଇସି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଆରଏସପି ପକ୍ଷରୁ ଉକ୍ତ କ୍ୱାର୍ଟର୍ସଗୁଡ଼ିକୁ ଉଚ୍ଛେଦ କରାଇବ ବୋଲି ଆଲୋଚନା ହୋଇଥିଲା। ଯେଉଁ କର୍ମଚାରୀମାନଙ୍କୁ ନିଜ ପରିବାରର ବ୍ୟବହାର ଉଦ୍ଦେଶ୍ୟରେ ଡବଲ୍ କ୍ୱାର୍ଟର୍ସ ଯୋଗେଇ ଦିଆଯାଇଅଛି ତାହା ବଳବତ୍ତର ରହିବ। ଏଥିସହିତ ୧୮ ମାସିଆ କ୍ୱାର୍ଟର୍ସ ରିଟେନ୍ସନ୍ ସ୍କିମ୍ ପୂର୍ବଭଳି ବଳବତ୍ତର ରହିବ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି। ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ସକାରାତ୍ମକ ମନୋଭାବ ଓ ସହଯୋଗ ପ୍ରଦର୍ଶନ କରିଥିବାରୁ ଡିଆଇସି ଶ୍ରୀ ବର୍ମାଙ୍କୁ ଧନ୍ୟବାଦ ଜଣାଯାଇଛି। ବାକି ଲାଇସେନ୍ସ ହୋଲ୍ଡରମାନଙ୍କ ସ୍ୱାର୍ଥସୁରକ୍ଷାର ଦାୟିତ୍ୱ ରାଉରକେଲା ଶ୍ରମିକ ସଂଘ ନେଇଛି ବୋଲି ସେ କହିବା ସହ କୌଣସି ପ୍ରକାର ବିଚଳିତ ନହୋଇ ସମସ୍ତଙ୍କୁ ସଂଘ ଉପରେ ଭରସା ରଖିବାକୁ ଅନୁରୋଧ କରିଛନ୍ତି। ସେହିପରି, ଗତ ୪ ତାରିଖର ବିଶାଳ ଗଣଧାରଣାକୁ ସଫଳ କରିଥିବା ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ସମାଜସେବୀ, ସାମାଜିକ ଅନୁଷ୍ଠାନର ପ୍ରତିନିଧି, ଇସ୍ପାତ କାରଖାନାର କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମଧ୍ୟ ରାଉରକେଲା ଶ୍ରମିକ ସଂଘ ତରଫରୁ ସେ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଆର୍‌ଏସ୍‌ପି ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ।

**ପାଣି ପାଇପ ଓ ଡ୍ରେନ ଜବରଦଖଲ କ୍ୱାର୍ଟର୍ସ ଓ ଭଡ଼ା ବାକି ଥିବା କ୍ୱାର୍ଟର୍ସ ହେବ ଉଚ୍ଛେଦ**

## ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

**ବଣାଇ, ୬।୬(ସମିସ):** ଭିନ୍ନକ୍ଷମ ବ୍ୟକ୍ତି ଓ ସକ୍ଷମ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବିବାହକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିବାହ ପ୍ରୋତ୍ସାହନ ରାଶି ଆଜି ବଣାଇଁ ଉପଖଣ୍ଡର ୭ ଜଣ ଦମ୍ପତିଙ୍କୁ ବଣ୍ଟନ କରାଯାଇଛି। ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଯୋଗ୍ୟ ଦମ୍ପତିମାନଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଭିନ୍ନକ୍ଷମ ଓ ସକ୍ଷମ ବ୍ୟକ୍ତିଙ୍କ ମଧ୍ୟରେ ବିବାହକୁ ଉତ୍ସାହିତ କରିବା ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ବୋଲି ଉପଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁଙ୍କ ସମେତ ଉପଖଣ୍ଡର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରୋତ୍ସାହନ ରାଶି ପାଇଥିବା ଦମ୍ପତିମାନେ ସରକାରଙ୍କ ଏହି ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଯୋଜନା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

## ଜେନାମଣିଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



**ବଣାଇଁ, ୬।୬(ସମିସ):** ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସୁରକ୍ଷା, ଚାରାରୋପଣ ଏବଂ ପ୍ଲାଷ୍ଟିକ ବିରୋଧୀ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଣାଇଁଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣି ସାହୁଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ଉତ୍ସବରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଖୁସୱନ୍ତ ସିଂ, ସଦର ଉପଜିଲ୍ଲାପାଳ ତେଜସ୍ୱୀନୀ ବେହେରା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ମାନସିଂ ସୋରେନ ପୁରସ୍କାର ପ୍ରଦାନ କରିଥିଲେ। ବଣାଇଁର ପ୍ରକୃତି ପ୍ରେମରେ ଅନୁପ୍ରାଣିତ ହୋଇ ଆଜି ଏହି ସଫଳତା ପ୍ରାପ୍ତ କରିଥିବା କହିଛନ୍ତି ଜେନାମଣି।

## ବାହାର ଟ୍ରକ୍‌କୁ ଲୋଡିଂ ପ୍ରତିବାଦରେ ରଘୁନାଥପାଲି ଟିପ୍ପର ମାଲିକ ସଂଘ ପକ୍ଷରୁ ୮ରୁ ପୁଣି ଆନ୍ଦୋଳନ

**ରାଉରକେଲା, ୬।୬ (ସମିସ):** ରାଉରକେଲା ଇସ୍ପାତ କାରଖାନାରୁ ବିଓଏଫ୍ ସ୍ଲାଗ୍ ପରିବହନ ପାଇଁ ସ୍ଥାନୀୟ ଟିପ୍ପରକୁ ଅଣଦେଖା କରି ବାହାର ରାଜ୍ୟର ଟିପରଗୁଡ଼ିକୁ ଲୋଡିଂ ଦିଆଯିବା ପ୍ରତିବାଦରେ ଆସନ୍ତା ୮ ତାରିଖରୁ ପୁଣି ଆନ୍ଦୋଳନ କରାଯିବ ବୋଲି ରଘୁନାଥପାଲି ଟିପ୍ପର ମାଲିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଆର୍‌ଏସ୍‌ପି ଭିତରକୁ କୌଣସି ବାହାର ରାଜ୍ୟର ଟିପ୍ପର, ଡମ୍ପର ଏବଂ ହାଇୱାକୁ ପୁରାଇ ଦିଆଯିବ ନାହିଁ ବୋଲି ରୋକଠୋକ୍ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୭ ତାରିଖରେ ରଘୁନାଥପାଲୀ ଟିପ୍ପର ଆସୋସିଏସନ ପକ୍ଷରୁ ଲୋକାଲ ଟ୍ରକ୍ ଓ ଟିପ୍ପର ଗୁଡ଼ିକୁ ସ୍ଲାଗ୍ ଲୋଡି ଦେବା ଦାବିରେ ରଘୁନାଥପାଲି ଟିପ୍ପର ୱନର୍ସ ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ସଦସ୍ୟ ରାଉରକେଲା ଇସ୍ପାତ କାରଖାନାର ସ୍ଲାଗ୍ ଗ୍ରାନୁଲେସନ ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ବାହାର ରାଜ୍ୟରୁ ସ୍ଲାଗ୍ ଲୋଡିଂ ପାଇଁ ଆସିଥିବା ସମସ୍ତ ଟ୍ରକ୍ ଓ ଟିପ୍ପରକୁ ଆର୍‌ଏସ୍‌ପି ଭିତରକୁ ପ୍ରବେଶ କରାଇ ନ ଦେଇ ନିଜର ହକ୍ ପାଇଁ ଦାବି ଜାହିର କରିଥିଲେ। ଏହି ଆନ୍ଦୋଳନ ଯୋଗୁଁ ଆରଏସପିରେ ଅଚଳାବସ୍ଥା ହେବାରୁ ସେହିଦିନ ଆରଏସ୍‌ପି ପକ୍ଷରୁ




ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଏଥିରେ ଆର୍‌ଏସ୍‌ପିର ସିଜିଏମ (ସର୍ଭିସେସ) ଆତିଶ ସରକାର, ମାଜିଷ୍ଟ୍ରେଟ ରେଗନ ଚନ୍ଦ୍ର ସାହୁ, ଡିଏସପି ଜିତେନ କୁମାର ସେଠୀ, ଟାଙ୍ଗରପାଲ୍ଲୀ ଥାନା ଆଇଆଇସି ନିରଞ୍ଜନ ସେଠୀ, ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀ ଆଲୋଚନାର ଅଂଶଗ୍ରହଣ କରିଥିଲେ। ଲୋକାଲ ଟିପ୍ପର ଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବା ନେଇ ସମାଧାନ ପାଇଁ ଆରଏସପି କର୍ତ୍ତୃପକ୍ଷ ସାତ ଦିନ ମହଲତ ନେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଇତିମଧ୍ୟରେ ୩ ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଆର୍‌ଏସ୍‌ପି ପକ୍ଷରୁ ଦିଆଯାଇଥିବା ଏହି ପ୍ରତିଶ୍ରୁତିକୁ ପୂରଣ କରାଯାଇ ପାରିନାହିଁ। ପୂର୍ବପରି ବାହାର ରାଜ୍ୟର ଟିପ୍ପର ଗୁଡ଼ିକୁ ଲୋଡିଂ ଦିଆଯାଉଥିବାରୁ ସ୍ଥାନୀୟ ଟିପ୍ପର ମାଲିକଙ୍କ ହଜାର ହଜାର ଟିପ୍ପର ଏବେ ଲୋଡିଂ ନ ପାଇ ରାସ୍ତାରେ ଛିଡ଼ା ହୋଇ ରହିଛି। ଯାହାଫଳରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଲୋକାଲ ଟିପ୍ପର ମାଲିକଙ୍କ ପରିବାର ଦିନ କାଟିବା ସହ ମାସିକ କିସ୍ତିଦେବା ସହ ପରିବାର ପ୍ରତିପୋଷଣ କରିବା ମୁସ୍କିଲ ହୋଇପଡ଼ିଛି ବୋଲି ସଭାପତି ଅଶୋକ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଲୋକାଲ ଟିପ୍ପରକୁ ପରିବହନ ଲୋଡିଂ ନ ମିଳିବାରୁ ସ୍ଥାନୀୟ ଟିପ୍ପର ମାଲିକମାନେ କାମ ଏବଂ ଜୀବିକା ହରାଇଛନ୍ତି। ସ୍ଥାନୀୟ ଯାନବାହାନ ମାଲିକମାନେ ଇଏମଆଇ, ରୋଡ୍ ଟ୍ୟାକ୍ସ, ବୀମା, ଫିଟନେସ୍ ଇତ୍ୟାଦି ପ୍ରଦାନ କରିବାର ବିଫଳ ହେବା ସହ ସେମାନେ ଏବଂ ସେମାନଙ୍କ ପରିବାର ଘୋର ଆର୍ଥିକ ଅନାଟନରେ ରହି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଟିପ୍ପର ମାଲିକଙ୍କ ଏତାଦୃଶ ସମସ୍ୟାକୁ ଆରଏସପି କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଅଣଦେଖା କରିଥିବାରୁ ରଘୁନାଥପାଲି ଟିପ୍ପର ମାଲିକ ସଂଘର ଏପରି ଦୁର୍ବାର ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରଘୁନାଥପାଲି ଟିପ୍ପର ମାଲିକ ସଂଘ ସାଧାରଣ ସମ୍ପାଦକ ଅବନୀ ରାଜନ ଷଡ଼ଙ୍ଗୀ, ଉପ-ସଭାପତି ଦେବ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ବ୍ରଜ କିଶୋର ସାମଲ, ସମ୍ପାଦକ ଅଜିତ ଛୋଟରାୟ ଏବଂ ଯୁଗ୍ମ ସମ୍ପାଦକ ସୋମ୍ୟ ରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଚାରାରୋପଣ ଓ ସଚେତନତା

**ବଣାଇଁ, ୬।୬(ସମିସ):** ବଶ୍ୱ ପରିବେଶ ଅବସରରେ ବଣାଇ ସହରସ୍ଥିତ ସିଂ ଟୋଲା ଠାରେ ବଣାଇଁ ତାଲୁକ ଆଇନ୍ ସେବା ସମିତିପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାଜଜ୍ ତଥା ତାଲୁକ ଆଇନ୍ ସହାୟତା ସମିତିର ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗଦେଇ ପରିବେଶର ସୁରକ୍ଷା ନିମନ୍ତେ ବ୍ୟକ୍ତିଗତସ୍ତରରେ ସଜାଗ ହେଲେ ସମାଜ ଆପେ ଆପେ ସଜାଗ ହେବ ଏବଂ ସମସ୍ତେ ପ୍ରତ୍ୟହ କିଛି ସମୟ ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କଲେ ପରିବେଶ ସନ୍ତୁଳିତ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ଏସ୍‌ଡିଜେଏମ୍ ଅଭିନନ୍ଦନ ନନ୍ଦ, ଗୋଷ୍ଠୀଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ଏସିଏଫ୍ ଦୁର୍ଯ୍ୟୋଧନ ଜେରେଇ, ପୂର୍ତ୍ତବିଭାଗ ଅଧିକାରୀ ପ୍ରତୀକ ପ୍ରୀୟଦର୍ଶୀ ଦାସ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ସହକାରୀ ଶିକ୍ଷା ଅଧିକାରୀ ବାବୁରାମ ମାହାନ୍ତ, ରିଟେନର ମହେଶ୍ୱର ନନ୍ଦିଙ୍କ ସମେତ କୋର୍ଟ କର୍ମଚାରୀ, ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରିବା ସହ ବହୁ ସଂଖ୍ୟାରେ ଚାରା ରୋପଣ କରଯାଇଥିଲା। କୋର୍ଟ କର୍ମଚାରୀ ବ୍ରିଜେଶ କୁମାର ସାହୁ ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

## ରାଉରକେଲାରେ ଏସ୍‌ଆଇଆର୍ ସଚେତନତା ରଥ



**ରାଉରକେଲା, ୬।୬(ସମିସ):** ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗିର୍ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର)ର ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ରାଉରକେଲା ସହର ପରିକ୍ରମା କରିବା ଅବସରରେ ଏକ ତ୍ରୁଟିଶୂନ୍ୟ, ସଠିକ୍, ସ୍ୱଚ୍ଛ ଓ ସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସମସ୍ତ ଯୋଗ୍ୟ ଭୋଟରଙ୍କ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଜନସଚେତନତା ସୃଷ୍ଟି କରିବ। ଏହି ଅବସରରେ ଡେପୁଟି କମିଶନର ଅନିତା ନାୟକ, ତହସିଲଦାର ରାଉରକେଲା ସାଲମି ମାଝୀ, ଲାଠିକଟା ତହସିଲଦାର ମୁରଲୀଧର ଉର୍ମାଲ, ସହାୟକ ଜିଲ୍ଲାପାଳ ହରେକୃଷ୍ଣ ସାହୁ, ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ସମେତ ବିଏଲଓ, ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ମହୁଲ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ବଣାଇଁ, ୬।୬(ସମିସ):** ବଣାଇଁ ଥାନା ଅଧୀନ ଶିବନାଥପୁର ଗ୍ରାମରେ ପାରିବାରିକ କଳହରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ଗ୍ରାମର ଶିଶିର ନାୟକ (୫୦) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଗତକାଲି ରାତି ୯ଟାରେ କୌଣସି ପାରିବାରିକ କଳହ ଯୋଗୁଁ ସେ ଘରୁ ବାହାରି ଯାଇଥିଲେ। ରାତିସାରା ସେ ଘରକୁ ଫେରି ନ ଆସିବାରୁ ପରିବାର ଲୋକେ ଚିନ୍ତିତ ହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଆଜି ସକାଳେ ଗ୍ରାମ ନିକଟସ୍ଥ ଏକ ମହୁଲ ଗଛରେ ଶିଶିରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏହାପରେ ପରିବାର ଲୋକେ ବଣାଇଁ ପୁଲିସକୁ ସୂଚନା ଦେଇଥିଲେ। ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କ ନିକଟରେ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ବଣାଇଁ ପୁଲିସ ୧୨/୨୦୨୬ ନମ୍ବର ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବସ୍ତିଆ ସ୍ମୃତିସଦନରେ ଯୋଗ ଓ ଭଲିବଲ ପ୍ରଶିକ୍ଷଣ ଶିବିର



**ରାଉରକେଲା, ୬।୬ (ସମିସ):** ରାଉରକେଲା ସେକ୍ଟର -୬ସ୍ଥିତ ବସ୍ତିଆ ସ୍ମୃତିସଦନ ପରିସରରେ ବାଳିକା ଭଲିବଲ ଓ ଯୋଗର ଏକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଓଡ଼ିଶାର ପ୍ରମୁଖ ମହିଳା ଉଦ୍ୟୋଗୀ ତଥା ୱାଟରକ୍ରାଫ୍ଟର ନିର୍ଦ୍ଦେଶିକା ନିହାରିକା ବସ୍ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତିଆ ସ୍ମୃତି ସଦନର ମ୍ୟାନେଜିଂ ଟ୍ରଷ୍ଟି ଗୌତମ ମିଶ୍ର, ସ୍ମାର୍ଟ ଲେଡିଜ କ୍ଲବ୍ ଅଧ୍ୟକ୍ଷ ଲୀନା ନାୟକ ଓ ପଶ୍ଚିମ ଓଡ଼ିଶାର ଭଲିବଲ ମ୍ୟାନ ତଥା ବରିଷ୍ଠ ପ୍ରଶିକ୍ଷକ ଦେବଦତ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ରାଉରକେଲା ତଥା ଆଖପାଖର ଛାତ୍ରଛାତ୍ରୀ ଯୋଗ ଦେଇ ଏହାର ସୁଯୋଗ ନେବା ପାଇଁ ବସ୍ତିଆ ସ୍ମୃତି ସଦନ ପକ୍ଷରୁ ନିବେଦନ କରାଯାଇଛି। ଆଜିର କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର କ୍ରୀଡା ସଂଗଠନ ର ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଯୋଗ ପ୍ରଶିକ୍ଷକ ସୁଶାନ୍ତ ଶତପଥୀ, ଜାତୀୟ ସାଇକେଲ ଚାଳକ ନୃସିଂହ ଚରଣ ସାହୁ, ବଳରାମ ମାଝୀ, ରବିନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଚନ୍ଦ୍ର ଶେଖର କ୍ରୀଡା ସଂଗଠନ ର କ୍ରୀଡାବିତ୍ ଓ ବସ୍ତିଆ ସ୍ମୃତି ସଦନର କର୍ମକର୍ତ୍ତା ସହଯୋଗ କରିଥିଲେ। ଯୋଗ ପିଲାଙ୍କ ଦ୍ୱାରା ସୁନ୍ଦର କ୍ରୀଡା ଯୋଗ ଉପସ୍ଥାପନା କରାଯାଇଥିଲା।

## ଆନ୍ତଃଜିଲ୍ଲା ଚାମ୍ପିଅନସିପ୍‌ରେ ଅଣ୍ଡର-୧୯ କ୍ରିକେଟ୍ ଦଳ ରନର୍ସଅପ୍



**ରାଉରକେଲା, ୬।୬(ସମିସ):** ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ଅଣ୍ଡର-୧୯ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ(ଏକଦିବସୀୟ ଫର୍ମାଟ୍) ଚାମ୍ପିଅନସିପ୍‌ରେ ରନର୍ସଅପ୍ ହୋଇଛି। ସୂଚନାଯୋଗ୍ୟ ଯେ ଆରଏସପି ଦଳ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଥିଲା। କ୍ୱାର୍ଟର ଫାଇନାଲରେ ଆର୍‌ଏସ୍‌ପି ଭୁବନେଶ୍ୱର 'ବି' ଦଳକୁ ୮ ୱିକେଟ୍‌ରେ ପରାସ୍ତକରି ସେମିଫାଇନାଲରେ ଯାଇଥିଲା। ନିଜର ପ୍ରଭାବଶାଳୀ ପ୍ରଦର୍ଶନ ଜାରିରଖି ଆର୍‌ଏସ୍‌ପି ସେମିଫାଇନାଲରେ କଟକ 'ଏ'କୁ ୭ ୱିକେଟ୍‌ରେ ପରାସ୍ତକରି ଟାଇଟଲ୍ ଲଢ଼େଇରେ ପ୍ରବେଶ କରିଥିଲା। ୩ ଜୁନ୍‌ରେ କଟକ ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚରେ ଆର୍‌ଏସ୍‌ପି ଭୁବନେଶ୍ୱର-ଏ' ବିପକ୍ଷରେ ଏକ ରୋମାଞ୍ଚକର ପ୍ରତିଯୋଗିତାରେ ମାତ୍ର ୬ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଆର୍‌ଏସ୍‌ପିର ଏହି ପ୍ରଶଂସନୀୟ ସଫଳତା ପାଇଁ ଆର୍‌ଏସପି ଦଳକୁ ରନର୍ସଅପ୍ ଟ୍ରଫି ସହିତ ୫୦, ୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଲିକନ୍ ଷ୍ଟିଲମିଲ୍ ବିଭାଗର ରାଜୀବ ମହାରଣା ଏହି ଦଳର କୋଚ୍ ଥିବାବେଳେ ରାଜା ଯାଦବ ଦଳର ଅଧିନାୟକ ଥିଲେ। ୫ ତାରିଖରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମସ୍ଥିତ କ୍ରୀଡ଼ା ବିଭାଗରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଉପପ୍ରବନ୍ଧକ (କ୍ରୀଡ଼ା) ରଘୁନାଥ ପାଢ଼ୀ ଏବଂ କ୍ରୀଡ଼ା ବିଭାଗର ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍‌ଏସ୍‌ପି ସିଣ୍ଟର ପ୍ଲାଣ୍ଟ ପକ୍ଷରୁ ମେ'ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା, ୬।୬(ସମିସ)

ରାଉରକେଲା ଇସ୍ପାତ କାରଖାନାର ସିଣ୍ଟର ପ୍ଲାଣ୍ଟ ସମୂହ ମେ'୨୦୨୬ରେ ରେକର୍ଡ ସୃଷ୍ଟିକାରୀ ପ୍ରଦର୍ଶନ କରିଛି। ସିଣ୍ଟର ପ୍ଲାଣ୍ଟ-୩ ଏବଂ ସମସ୍ତ ତିନୋଟି ସିଣ୍ଟର ପ୍ଲାଣ୍ଟର ମୋଟ୍ ଉତ୍ପାଦନ ଯଥାକ୍ରମେ ୩, ୨୬, ୩୦୦ ଟନ୍ ଏବଂ ୬, ୨୧, ୬୦୦ ଟନ୍ ସହ ସେମାନଙ୍କର ଏଯାବତ୍ ସର୍ବଶ୍ରେଷ୍ଠ ପରିସଂଖ୍ୟାନ ହାସଲ କରିଛି। ଏହି ସଂଖ୍ୟାଗୁଡ଼ିକ ସିଣ୍ଟର ପ୍ଲାଣ୍ଟ-୩ ପାଇଁ ୨୦୨୫ ଏବଂ ମୋଟ ସିଣ୍ଟର ଉତ୍ପାଦନ ପାଇଁ ୨୦୨୨ରେ ରେକର୍ଡ କରାଯାଇଥିବା ପୂର୍ବର ସର୍ବଶ୍ରେଷ୍ଠ ମେ' ମାସର ପ୍ରଦର୍ଶନକୁ ଅତିକ୍ରମ କରିଯାଇଛି। ବାର୍ଷିକ ଉତ୍ପାଦନ ଯୋଜନା (ଏପିପି) ତୁଳନାରେ, ସିଣ୍ଟର ପ୍ଲାଣ୍ଟ-୧ ଏବଂ ସିଣ୍ଟର ପ୍ଲାଣ୍ଟ-୩ ନିଜର ବାର୍ଷିକ ଉତ୍ପାଦନ ଯୋଜନାର



ଯଥାକ୍ରମେ ୧୦୧.୬% ଏବଂ ୧୦୦.୬% ପୂରଣ କରିସାରିଛନ୍ତି। ଚଳିତଆର୍ଥିକ ବର୍ଷର ଏପ୍ରିଲ-ମେ' ଅବଧି ମଧ୍ୟରେ, ସମସ୍ତ ତିନୋଟି ସିଣ୍ଟର ପ୍ଲାଣ୍ଟ ସର୍ବକାଳୀନ ସର୍ବୋଚ୍ଚ ଉତ୍ପାଦନ ହାସଲ କରିଛି। ସିଣ୍ଟର ପ୍ଲାଣ୍ଟ-୧ ରେ ୨, ୫୫, ୨୬୦ ଟନ୍, ସିଣ୍ଟର ପ୍ଲାଣ୍ଟ-୩ରେ ୬, ୩୯, ୦୪୪ ଟନ୍ ଏବଂ ମୋଟ ସିଣ୍ଟର ଉତ୍ପାଦନ ଏହି ଅବଧିରେ ୧୨, ୩୨, ୯୯୪ ଟନ୍ ରହିଛି। ଏପ୍ରିଲ-ମେ ମଧ୍ୟରେ ଏକକ ଉତ୍ପାଦନ କେନ୍ଦ୍ରଭାବେ ସିଣ୍ଟର ପ୍ଲାଣ୍ଟ-୧ରେ ୨.୫%, ସିଣ୍ଟର ପ୍ଲାଣ୍ଟ -୨ରେ ୫.୭% ଏବଂ ସିଣ୍ଟର ପ୍ଲାଣ୍ଟ-୩ ରେ ୧.୬%ର ଚମତ୍କାର ଅଭିବୃଦ୍ଧି ହାସଲ ହୋଇଛି, ଯାହାଫଳରେ ମୋଟ ସିଣ୍ଟର ଉତ୍ପାଦନ ପୂର୍ବ ବର୍ଷର ସମ୍ ଅବଧି ତୁଳନାରେ ପ୍ରାୟ ୩% ବୃଦ୍ଧି ପାଇଛି। ସିଣ୍ଟର ପ୍ଲାଣ୍ଟ ସମୂହର ଏହି ଅସାଧାରଣ ପ୍ରଦର୍ଶନ ବ୍ଲାଷ୍ଟ ଫର୍ଣ୍ଣେସ୍ ଗୁଡ଼ିକ ପାଇଁ ନିରନ୍ତର ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ସିଣ୍ଟରର ଉପଲବ୍ଧତାକୁ ସୁନିଶ୍ଚିତ କରୁଛି, ଯାହା ଚଳିତଆର୍ଥିକ ବର୍ଷର, ବାର୍ଷିକ ବ୍ୟବସାୟିକ ଯୋଜନାରେ ପରିକଳ୍ପନା କରାଯାଇଥିବା ଉଚ୍ଚଉତ୍ତପ୍ତ ଧାତୁ ଉତ୍ପାଦନକୁ ସହଜ କରିବ। ସିଣ୍ଟର ସମୂହ ଆଗାମୀ ଦିନରେ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ସିଣ୍ଟର ଚାହିଦା ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଯାହା ଏକ ମଜବୁତ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଇସ୍ପାତ ଉତ୍ପାଦନ ପ୍ରତି ରାଉରକେଲା ଇସ୍ପାତ କାରଖାନାର ପ୍ରତିବଦ୍ଧତାକୁ ଦୋହରାଉଛି।

# ବଚସାରୁ ମରଣାନ୍ତକ ଆକ୍ରମଣ; ଯୁବକ ମୃତ

**କଲମପୁର, ୬।୬ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ବଡକୁଟ୍ରୁ ଫାଣ୍ଡି ସଦରମହକୁମାରେ ସାମାନ୍ୟ ବଚସାରୁ ଜନୈକ ଯୁବକକୁ ମରଣାନ୍ତକ ଆକ୍ରମଣ ଗୁରୁତର ହୋଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୁକ୍ତକୁ କଲମପୁର ଥାନାରେ ଅଟକ ରଖାଯାଇଛି। ମିଳିଥିବା ସୂଚନା ଅନୁସାରେ ବଡକୁଟ୍ରୁ ବସ୍ତିପଡ଼ାରେ ଦୀର୍ଘଦିନ ହେବ ଦୁଇଟି ହାତରନ୍ଧା ମଦ କୋଠୀ ରହିଛି। କୌଣସି କାରଣରୁ ବଡକୁଟ୍ରୁ ଗ୍ରାମର ପ୍ରତାପ (ରଞ୍ଜନ) ନାଏକ ଓ ସୁରଜିତ ମାଝୀଙ୍କ ମଧ୍ୟରେ ବଚସା ହୋଇଥିଲା। ସୁରଜିତ ମାଝୀ ଉତ୍କ୍ଷିପ୍ତ ହୋଇ ପ୍ରତାପକୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ପ୍ରତାପ ଗୁରୁତର ହୋଇଥିଲେ। ପ୍ରତାପକୁ ଉଦ୍ଧାର କରି ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରତାପକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରତାପ ମୃତ୍ୟୁବରଣ କରିଥିଲା। ପରିବାରବର୍ଗଙ୍କ ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତ ସୁରଜିତ ମାଝୀଙ୍କୁ ଥାନାରେ ଅଟକ ରଖିଛି। ବ୍ୟବଚ୍ଛେଦ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ପରେ ହାତୀନଦୀ କୂଳରେ ଦାହ ସଂସ୍କାର କରାଯାଇଛି। ପୁଲିସ ହତ୍ୟା ମାମଲା ପଞ୍ଜିକୃତ କରି ଅଧିକ ତଦନ୍ତ ଚଳାଇଛି।

# ଭାରସାମ୍ୟ ହରାଇ ଓଲଟିଲା କାର୍; ଜଣେ ମୃତ

**କୋମନା /ବୋଡ଼େନ, ୬।୬(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ବୋଲଧା ବିଜୁ ଏକ୍ସପ୍ରେସୱେ (ଫୋର-ଲେନ) ନିକଟରେ ଏକ ଦ୍ରୁତଗାମୀ କାର୍ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ମାଟିଆଗ୍ରାମର ତପନ ପାତ୍ର। ତପନ ପାତ୍ର ନିଜ ପରିବାର ସହ ଗାଡ଼ିରେ ରାୟପୁର ଅଭିମୁଖେ ଯାଉଥିଲେ। ବୋଲଧା ବିଜୁ ଫୋର-ଲେନ୍ ନିକଟରେ ଗାଡ଼ିଟି ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଫଳରେ ଗାଡ଼ିରେ ଥିବା ତପନ ପାତ୍ର ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୌଭାଗ୍ୟବଶତଃ, ଗାଡ଼ିରେ ଥିବା ପରିବାରର ଅନ୍ୟ ସଦସ୍ୟମାନେ ସୁରକ୍ଷିତ ଥିବା ସହ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଖବର ପାଇ ବୋଡ଼େନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ମଦ ଦୋକାନ ସ୍ଥାନାନ୍ତର ପାଇଁ ବଣିକ ସଂଘର ଦାବିପତ୍ର

**ଜୁନାଗଡ଼, ୬।୬(ସମିସ):** ଜୁନାଗଡ଼ ନୂଆ ବସ୍ଷ୍ଟାଣ୍ଡ ନିକଟସ୍ଥ ଜୁନାଗଡ଼-୧ ଅଫ୍ ଲିକର ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଅବକାରୀ ଇନ୍ସପେକ୍ଟରଙ୍କ ଜରିଆରେ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେଇଛନ୍ତି। ଜାତୀୟ ରାଜପଥ-୨୬କଡ଼ ଓ ଜନଗହଳିପୂର୍ଣ୍ଣ ବସ୍ଷ୍ଟାଣ୍ଡ ନିକଟରେ ଦୋକାନ ଥିବାରୁ ଯାତ୍ରୀ, ମହିଳା ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ମା' ଲଙ୍କେଶ୍ୱରୀ ମନ୍ଦିର ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଥିବାରୁ ସାମାଜିକ ପରିବେଶ ବିଗିଡୁଥିବା ସଂଘ ଅଭିଯୋଗ କରିଛି। ଭାରି ଯାନବାହନ ଚଳାଚଳ ଯୋଗୁଁ



ବଣିକ ସଂଘ ପକ୍ଷରୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ମୁକେଶ ଅଗ୍ରୱାଲ ଓ ସମ୍ପାଦକ ପ୍ରଭାତ କୁମାର ଦାଶ ଦୁର୍ଘଟଣା ଆଶଙ୍କା ବଢୁଥିବାରୁ ଜନସୁରକ୍ଷା ଦୃଷ୍ଟିରୁ ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

## ଭତ୍ତା ଟଙ୍କା ନପାଇ ଦୁଇ ମାସ ବିତି ତିନି ଚାଲିଲା

# ବୃଦ୍ଧବୃଦ୍ଧାଙ୍କ ଆଖି ଲୁହ ଆଖିରେ ମରୁଛି

ଭବାନୀପାଟଣା, ୬।୬(ସମିସ)

ଏପ୍ରିଲ ମାସରେ ଏକ ନୋଟିସ ପ୍ରକାଶ ପାଇଥିଲା, ସେଥିରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସ୍ଏପି) ଯୋଜନାରେ ମାସିକ ଭତ୍ତା ପାଉଥିବା ହିତାଧିକାରୀଙ୍କ ଲାଗି ସୂଚନା ରହିଥିଲା ଯେ କେନ୍ଦ୍ର ସରକାର ଚଳିତ ବର୍ଷ ଅପ୍ରେଲ ମାସରୁ ଡିବିଟି ପ୍ରକ୍ରିୟାରେ ସଂଶୋଧନ କରୁଛନ୍ତି। ଏଥିପାଇଁ ଅପ୍ରେଲ ମାସର ଭତ୍ତା ପ୍ରଦାନ କରାଯିବ ନାହିଁ, ଅପ୍ରେଲ ମାସର ଭତ୍ତା ରାଶିକୁ ବକେୟା ଭାବ ସେମାନଙ୍କ ମଇ ମାସର ଭତ୍ତା ରାଶି ସହିତ ଏକକାଳୀନ ପ୍ରଦାନ କରାଯିବ। ମଧୁବାବୁ ପେନସନ ଯୋଜନା (ଏମବିପିଓ।ଇ) ହିତାଧିକାରୀଙ୍କୁ ପ୍ରତିମାସ ଯେପରି ପ୍ରଦାନ କରାଯାଇ ଆସୁଅଛି, ସେପରି ପ୍ରତିମାସରେ ପ୍ରଦାନ କରାଯିବ। କିନ୍ତୁ ଏହି ନୋଟିସ ଏଯାବତ୍ କାର୍ଯ୍ୟକାରୀ ହେଲାନାହିଁ। ଦୁଇମାସ ବିତିଯାଇ ତିନିମାସ ହୋଇଗଲା ବୃଦ୍ଧ ବୃଦ୍ଧା ଏବଂ ଦିବ୍ୟାଙ୍ଗମାନେ ଭତ୍ତା କେବେ ପାଇବେ ତାହାର ସଠିକ୍ ଉତ୍ତର କାହାପାଖରେ ନାହିଁ। ମନ୍ତ୍ରୀ ଓ ବିଧାୟକ କେବଳ ରାଜନୈତିକ ମନ୍ତବ୍ୟଦେଇ କହୁଛନ୍ତି ଅତି ଶୀଘ୍ର ଭତ୍ତା ଦିଆଯିବା ବ୍ୟବସ୍ଥା ସରକାର ଚିନ୍ତା କରୁଛନ୍ତି। ବହୁ ଗରିବ ଅସହାୟ ବୃଦ୍ଧବୃଦ୍ଧା ସାମାନ୍ୟ ଭତ୍ତା ଟଙ୍କାକୁ ଆଶ୍ରାକରି ଚଳୁଥିବା ବେଳେ ସରକାର



ସେତକ ମଧ ଦେବାରେ ଦିନ ଗଡ଼ାଇ ଚାଲିଛନ୍ତି। ମଣିଷ ସାମାଜିକ, ଆର୍ଥିକ ଓ ବ୍ୟକ୍ତିଗତ ସ୍ତରରେ ନିରାଶ ହୋଇ ଯେମିତି ଏବେ ସାମାଜିକ ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇ ଯାଉଛନ୍ତି। ସରକାରଙ୍କ ଏଭଳି ଅବହେଳା କାରଣରୁ ଅସହାୟ ଓ ଅସହାୟମାନେ ସବୁ ଦିଗରୁ ବଞ୍ଚିତ ଏପରିକି ଔଷଧ ଟିକେ କି ମୁଠେ ଖାଇବାକୁ ନିଜପରିବାର ଦ୍ୱାରା ଉପେକ୍ଷିତ ହେଉଥିବା କଥା ଦେଖିବାକୁ ମିଳୁଛି। ବିଶେଷକରି ଭତ୍ତା ଦେଇନପାରି ବୃଦ୍ଧବୃଦ୍ଧାଙ୍କ କ୍ଷେତ୍ରରେ ସରକାରଙ୍କ ଏହି ନକରାରକ ଦୃଷ୍ଟିକୋଣ ଅନେକଙ୍କ ଆଖିର ଲୁହ ଆଖିରେ ମରିଯାଉଛି।ସରକାରଙ୍କ ନୂତନ ବ୍ୟବସ୍ଥା ଅନୁସାରେ ସିଙ୍ଗଲ ନୋଡାଲ ଏଜେନ୍ସି ବ୍ୟବସ୍ଥାରେ ଭତ୍ତା ଯୋଗାଇବା ପ୍ରକ୍ରିୟା କାର୍ଯ୍ୟାନ୍ୱୟନରେ

### କାମରେ ଆସୁନି ମନ୍ତ୍ରୀ, ବିଧାୟକଙ୍କ ରାଜନୈତିକ ମନ୍ତ୍ୟବ

ଯଦି ବିଳମ୍ବ ହେଉଛି ତେବେ ଲୋକଙ୍କ ସରକାର ଲୋକଙ୍କୁ ଆଗୁଆ ଜଣାଇବା ଜରୁରୀ। ତିନି ମାସ ଏବେ ଚାଲୁଛି ଭତ୍ତା ଟଙ୍କାର ଆଶାରେ ଦିବ୍ୟାଙ୍ଗ ହୁଅନ୍ତୁ କି ବୃଦ୍ଧ ବୃଦ୍ଧା କିପ୍ରକାର ଜୀବନ ଜିଉଁଛନ୍ତି ତାହା ହୃଦୟଙ୍ଗମ କରିବାର ମଧ କାହା ନିକଟରେ ସାମାନ୍ୟତମ ଇଛା ଟିକେ ନାହିଁ। କୁହାଯାଉଛି ଓଡ଼ିଶା ଆସିବେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ। ଏହି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେବ। ସେଥିପାଇଁ ସମସ୍ତଙ୍କ ବ୍ୟସ୍ତତା ବୃଦ୍ଧି ପାଉଥିବ। ବୃଦ୍ଧବୃଦ୍ଧାଙ୍କ କଥା କିଏ ପଚାରୁଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଅଧିକାରୀଙ୍କୁ ପଚାରିଲେ ସେ କହିଛନ୍ତି ଯେ ଇନ୍ଦିରାଗାନ୍ଧୀ ଜାତୀୟ ସାମାଜିକ ସହାୟତା ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ୫୪୨୫୧, ବିଧବା ଭତ୍ତା ୨୨୨୨୦ ଏବଂ ଦିବ୍ୟାଙ୍ଗ ଭତ୍ତା ପ୍ରାୟ ୩୨୪୫ ଜଣ ପାଇବାକୁ ଅଛନ୍ତି। ଜିଲ୍ଲାରେ ବିଭିନ୍ନ ଭତ୍ତା ପାଇଁ ୨୦୧୭୫ ଆବେଦନ କରିଥିଲେ। ସେଥିମଧ୍ୟରୁ ଏପ୍ରିଲ ମାସରେ ୧୦୯୪ ଓ ମେ ମାସରେ ୧୮୧୧ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି ଅବ୍ୟବସ୍ଥାକୁ ଅନୁଭବ କରି କର୍ଲାମୁଣ୍ଡା ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରି କହିଛନ୍ତି "ସାମାଜିକ ସୁରକ୍ଷା ଭତ୍ତା ମାସିକ ତିନି ହଜାର ମିଥ୍ୟା ପ୍ରତିଶ୍ରୁତି ଦେଇ ଓଡ଼ିଶାରେ ବିଜେପି ସରକାର ଆସିଲା. କିନ୍ତୁ ଆଜି ବାର୍ଦ୍ଧକ୍ୟ ବିଧବା ଦିବ୍ୟାଙ୍ଗଙ୍କୁ ମାସିକ ହଜାରେ ଟଙ୍କା ଦେଇ ପାରୁନାହାନ୍ତି, ତିନି ମାସ ହେଲା ହିତାଧିକାରୀ ହଇରାଣ ହେଉଛନ୍ତି, ଅଶି ବର୍ଷରୁ ଉର୍ଦ୍ଧର ବାର୍ଦ୍ଧକ୍ୟ ହିତାଧିକାରୀ ଏବଂ ଅଶି ପ୍ରତିଶତ ଦିବ୍ୟାଙ୍ଗ ମଧ୍ୟ ପଇଁତିରିଶ ଶହ ଭତ୍ତା ଏବେ ଏକ ପ୍ରହସନ ପାଲଟିଛି। ହଜାର ହଜାର ହିତାଧିକାରୀଙ୍କୁ ବଞ୍ଚିତ କରିଥିବା ଡବଲ ଇଞ୍ଜିନ ସରକାର ସବୁଠି ଫେଲ। ବାସ୍ତବିକ୍ ଭତ୍ତା ଟଙ୍କା ନପାଇଥିବା ଯନ୍ତ୍ରଣାସିକ୍ତ ଲୋକଙ୍କ ଦୁଃଖ ସରକାର କେବେ ବୁଝିବେ। ସେ ଅପେକ୍ଷାରେ କାଳ କାଟୁଛନ୍ତି ଜିଲ୍ଲାର ଅନେକ ବୃଦ୍ଧ ବୃଦ୍ଧା ଓ ଦିବ୍ୟାଙ୍ଗ।

# ଇ-ନାମ ମାଧ୍ୟମରେ ଆମ୍ବ ବିକ୍ରି କରି ଲାଭବାନ ହେଲେ ଚାଷୀ

**ଧର୍ମଗଡ଼, ୬।୬(ସମିସ):** ଡିଜିଟାଲ ବଜାର ବ୍ୟବସ୍ଥା ଚାଷୀଙ୍କ ପାଇଁ ବରଦାନ ସଦୃଶ ହୋଇଛି। ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟିର ଇ-ନାମ ମଣ୍ଡି ମାଧ୍ୟମରେ ଆମ୍ବ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ବିକ୍ରୟ କରି କଳାହାଣ୍ଡି ଜିଲ୍ଲାର ଅନେକ ଚାଷୀ ବେଶ ଲାଭବାନ ହୋଇପାରିଛନ୍ତି। ଏହି ଅନଲାଇନ ପ୍ଲାଟଫର୍ମ ଜରିଆରେ ଜୁନାଗଡ଼, ଧର୍ମଗଡ଼ ଏବଂ ଗୋଲାମୁଣ୍ଡା ବ୍ଲକର ଚାଷୀମାନେ

## ଜୁନାଗଡ଼ ଆରଏମ୍‌ସିର ସଫଳ ପ୍ରୟାସ

ସିଧାସଳଖ ବ୍ୟବସାୟୀଙ୍କ ସହ ଯୋଡ଼ିହୋଇ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇବାରେ ସଫଳ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକର ଚାଷୀ ଭୁବନେଶ୍ୱର ପଟେଲ ଓ କୈଳାଶ ନାଏକ, ଧର୍ମଗଡ଼ ବ୍ଲକର ବୃନ୍ଦାବନ ଚୌଧୁରୀ ଓ କନ୍ଦର୍ପ ନାଏକ ଏବଂ ଗୋଲାମୁଣ୍ଡା ବ୍ଲକର ଧନଞ୍ଜୟ ନାଏକ ଓ ଟୁନୁ ଭୋଇଙ୍କ ସମେତ ବହୁ ଚାଷୀ ଏହି ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇଛନ୍ତି। ବିଶେଷ କରି ଧର୍ମଗଡ଼ ବ୍ଲକ ଲୁହାଗାଁ ଗ୍ରାମର ପ୍ରଗତିଶୀଳ ଚାଷୀ କନ୍ଦର୍ପ ନାଏକଙ୍କ ଦ୍ୱାରା ଉତ୍ପାଦିତ ୨୪.୫୦କ୍ୱିଣ୍ଟାଲ ଆମ୍ବକୁ ଇ-ନାମ ପୋର୍ଟାଲ ମାଧ୍ୟମରେ



ପଞ୍ଜିକୃତ ବ୍ୟବସାୟୀ ଶଙ୍କର ଗେନଙ୍କୁ ସଫଳତାର ସହିତ ବିକ୍ରୟ କରାଯାଇଛି। ଏହି ସମ୍ପୂର୍ଣ୍ଣ କାରବାର ଓ ବଜାର ସଂଯୋଗ ପ୍ରକ୍ରିୟାକୁ ଜୁନାଗଡ଼ ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ଏବଂ କୋଷାଧକ୍ଷ ବସନ୍ତ କୁମାର ସେଠି ସାମଗ୍ରିକ ତଦାରଖ କରିଥିଲେ। ଏଥିସହିତ ମଣ୍ଡି ବିଶ୍ଳେଷକ ଭବାନୀଶଙ୍କର ମାଝୀ, ବିଶ୍ଳେଷକ ସାଇଦେବା ବେହେରା, ବିଶ୍ୱନାଥ ନାଏକ, ଡିଇଓ ଯଶୋବନ୍ତ ଭୋଇ ଏବଂ ବିରଞ୍ଚି ମିଶ୍ର ପ୍ରମୁଖ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥିଲେ। ସେମାନେ ଆମ୍ବର ଗୁଣାବକ ମାନ ଯାଞ୍ଚ, ଗ୍ରେଡିଂ ଏବଂ ଓଜନ ନିର୍ଦ୍ଧାରଣ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରି ଚାଷୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଇ-ନାମର ଏଭଳି ସଫଳ ପରିଚାଳନା ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଚାଷୀମାନଙ୍କୁ ମଧ୍ୟ ପାରମ୍ପରିକ ବଜାର ବଦଳରେ ଡିଜିଟାଲ ମଣ୍ଡି ପ୍ରତି ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

# କେସିଙ୍ଗାରେ ମେଗା ରକ୍ତଦାନ ଶିବିର

**କେସିଙ୍ଗା, ୬।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ମାରୱାଡ଼ି ଯୁବାମଞ୍ଚ, ଜେସିଆଇ କେସିଙ୍ଗା ଓ ମାରୱାଡ଼ି ମହିଳା ସମିତିର ସହଯୋଗରେ ସ୍ଥାନୀୟ ଅଗ୍ରସେନ ଭବନରେ ଶନିବାର ଦିନ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଭବାନୀପାଟଣା ବ୍ଲଡ଼ କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିରରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଲଳିତ ଅଗ୍ରୱାଲ, ଡ.ଇସିକା ଅଗ୍ରୱାଲ, ମାରୱାଡ଼ି ମହିଳା ସମିତିର ଅଧ୍ୟକ୍ଷ କିରଣ ଅଗ୍ରୱାଲ, ରକ୍ତଦାନ ଶିବିରର ସଂଯୋଜକ କିରଣ ଅଗ୍ରୱାଲ, (ଜେକେ ପ୍ଲାଜା), ମାରୱାଡ଼ି ଯୁବ ମଞ୍ଚର ଅଧ୍ୟକ୍ଷ ବିକାଶ ଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ବିଶାଳ ଜୈନ, କେସିଙ୍ଗା ଜେସିଆଇ ଅଧ୍ୟକ୍ଷ ନିଖିଲେସ ଅଗ୍ରୱାଲ, ସମ୍ପାଦକ ସୌରଭ ଅଗ୍ରୱାଲ, ସଂଯୋଜକ ବିନୟ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ଯୁବକର ମୃତ

**ଗୋଲାମୁଣ୍ଡା, ୬।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଞ୍ଚଳର କୁମ୍ଭାରୀଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକ କୁମ୍ଭାରୀଗ୍ରାମର ପ୍ରତାପ ପୁଟେଲ (୩୬)। ଘରେ ଶୋଇଥିବା ଅବସ୍ଥାରେ ରାତ୍ରି ୩ ଘଟିକା ସମୟରେ ବିଷାକ୍ତ ସାପ କାମୁଡି ଦେଇଥିଲା। ଅଧିକ ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରତାପଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ପହଞ୍ଚି ଶବକୁ ଜବତ କରିଥିଲେ। ଘଟଣାସ୍ଥଳରେ ମୃତକର ସ୍ତ୍ରୀ ସୁଫଳ ପୁଟେଲଙ୍କ ଲିଖିତ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ସତ୍କାର ପାଇଁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଅସ୍ୱାସ୍ଥ୍ୟକର ସ୍ଥାନରେ ଜଳଛତ୍ର

**ଖଡ଼ିଆଳ, ୬।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତର ସୁନାମୁଦି ଗ୍ରାମରେ କରାଯାଇଥିବା ଜଳଛତ୍ରକେନ୍ଦ୍ର ପରିତ୍ୟକ୍ତ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳଛତ୍ର ସଂମ୍ମୁଖରେ ଡ୍ରେନ ଥିବାରୁ ସବୁବେଳେ କୀଟପତଙ୍ଗ ସାଲୁବାଲୁ ହେଉଥିବା ବେଳେ ଗୋଟିଏ ହାଣ୍ଡିରେ ବସ୍ତା ଢାଙ୍କି ବିପଦପୂର୍ଣ୍ଣ ଭାବରେ ପଡ଼ି ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତଦାରଖ ଅଭାବରୁ ଏପରି ଅନେକ ଜଳଛତ୍ର ଖାମଖିଆଲି ଭାବରେ ଚାଲୁଥିବା ଚର୍ଚ୍ଚା ହେଉଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚିର ନିଦ୍ରାରେ ଡାକ୍ତର ପଲଉ ପ୍ରଧାନ

# ୩୪ ବର୍ଷ ସେବା : ଫି' ମାତ୍ର ୫୦ ଟଙ୍କା

**ଭବାନୀପାଟଣା, ୬।୬(ସମିସ):** ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ତଥା କଳାହାଣ୍ଡିବାସୀଙ୍କ ହୃଦୟରେ ସ୍ଥାନ ପାଇଥିବା ଡାକ୍ତର ପଲଉ ପ୍ରଧାନ (ଏମ୍‌ଡି) ଚିର ନିଦ୍ରାରେ ଶୋଇଯାଇଛନ୍ତି। ଶନିବାର ଭୋର୍ ସମୟରେ ତାମିଲନାଡୁସ୍ଥିତ କୋଇମ୍ବାଟୁର ଠାରେ ଏକ ହୋଟେଲରେ ହୃଦ୍‌ଘାତରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ୧୯୫୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ସୂଚନାମତେ ସେ ଗତ ୧ତାରିଖରେ ନିଜ ପରିବାର ସଦସ୍ୟଙ୍କ ସହିତ ଦକ୍ଷିଣ ଭାରତ ଭ୍ରମଣରେ ଯାଇଥିଲେ। ଆଜି ସେ ଓଡ଼ିଶା ଫେରିବାର ଥିଲା। ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ। ନିଦରୁ ଉଠି ସକାଳେ କପେ ଚା ପିଇ ଟିକେ ଶୋଇପଡ଼ିଥିଲେ। ସେ ଶୋଇବା ଡାକ୍ତର ପ୍ରଧାନଙ୍କ ପାଇଁ ଚିରନିଦ୍ରା ପାଲଟି ଯାଇଥିଲା। ଡାକ୍ତର ପଲଉ ପ୍ରଧାନଙ୍କ ଦୁଇ



ଝିଅ ଓ ଜ୍ୱାଇଁ ଏବଂ ଗୋଟିଏ ପୁଅ ଅଛନ୍ତି। ସ୍ତ୍ରୀ ଜଣେ ସୁଗୃହିଣୀ। ଆଜି କଳାହାଣ୍ଡି ସାରା ଡାକ୍ତର ପ୍ରଧାନଙ୍କ ମୃତ୍ୟୁକୁ ନେଇ ଶୋକାକୁଳ ବାତାବରଣ ସୃଷ୍ଟି ହୋଇଯାଇଛି। ଶିଶୁମାନଙ୍କ କ୍ଷେତ୍ରରେ ଚିକିତ୍ସା କହିଲେ ତାଙ୍କ ଉଦାର ମାନବିକତାର ମହାମନ୍ତ୍ରରେ ଶିଶୁଟିଏ ସୁସ୍ଥ ହୋଇ ଫେରୁଥିବା ହଜାର ହଜାର ନଜିର ରହିଛି। ଦୀର୍ଘ ୩୪ବର୍ଷର ଚିକିତ୍ସା ସେବାରେ ଫି କହିଲେ ମାତ୍ର ୫୦ଟଙ୍କା ନେଉଥିଲେ। ଶିଶୁମାନଙ୍କ କଲ୍ୟାଣ ହିଁ ତାଙ୍କର ମୁଖ୍ୟ ଧ୍ୟେୟ ଥିଲା। ଧନୀ ଗରିବ ଏପରିକି ସମ୍ପର୍କକୁ ବିଚାର ନକରି ଅକୁଣ୍ଠ ଚିତ୍ତରେ ଚିକିତ୍ସା ସେବା ଯୋଗାଇଦିଅନ୍ତି। ଯେଉଁଠି ଶିଶୁର ସ୍ୱାସ୍ଥ୍ୟସେବା କିଏ ପହଞ୍ଚି ପାରୁନଥିଲେ ସେହିଠି ଡାକ୍ତର ପଲଉ ପ୍ରଧାନ ପହଞ୍ଚି ଯାଉଥିଲେ। ସେ ଆଜି ସମସ୍ତଙ୍କ ଗହଣରେ ନଥିଲେ ମଧ ତାଙ୍କର ଆଦର୍ଶ, ନୀତି ଏବଂ ମାନବୀୟ ଗୁଣ ବିଶ୍?ାସର ବହ୍ନିରେ ପ୍ରଜ୍ୱଳିତ। ୧୯୭୯ରେ ସେ ଏମବିବିଏସ (ଶିଶୁ ବିଶେଷଜ୍ଞ) ପାସ କରିଥିଲେ। ୫ବର୍ଷ ଧରି ଇଣ୍ଡିଆନ ଆର୍ମଡ୍ ଫୋର୍ସ ରେ ସେବା ଯୋଗାଇଛନ୍ତି। ପରେ ବୁର୍ଲା, ଧର୍ମଗଡ଼ ଉପଖଣ୍ଡ, ଭବାନୀପାଟଣା, ପାଷ୍ଟିକୁଡ଼ି ଇତ୍ୟାଦି ସ୍ଥାନରେ ୩୪ବର୍ଷ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବାରେ ବ୍ରତୀ ରହି କାର୍ଯ୍ୟ କରୁଥିଲେ। ଏଭଳି ନିଃସ୍ୱାର୍ଥପର ସେବାମୂଳକ କାର୍ଯ୍ୟ ପାଇଁ ୨୦୦୨ ମସିହାରେ ଗ୍ଲୋବାଲ ସୋସାଇଟି ଫର୍ ହେଲଥ ଏଣ୍ଡ ଏଡୁକେସନ ଗ୍ରୋଥ ନୂଆଦିଲ୍ଲୀ ତରଫରୁ ଚିକିତ୍ସା ସମ୍ମାନ ରତ୍ନ ଉପାଧି ପାଇଥିଲେ। ସେ ଭବାନୀପାଟଣା ଶକ୍ତିନଗରପଡ଼ାରେ ପରିବାର ସହ ରହୁଥିଲେ।ତାଙ୍କ ଅନ୍ତିମ ସଂସ୍କାର ନିଜ ଭିଟାମାଟି ବରଗଡ଼ ଜିଲ୍ଲା ଅତାବିରା ଠାରେ ହେବବୋଲି ପରିବାର ସଦସ୍ୟଙ୍କ ଠାରୁ ଶୁଣିବାକୁ ମିଳିଛି। ଡାକ୍ତର ପ୍ରଧାନଙ୍କ ମୃତ୍ୟୁ କଳାହାଣ୍ଡି ପାଇଁ ଯେମିତି ଅପୂରଣୀୟ କ୍ଷତି ଠିକ୍ ସେମିତି ଜିଲ୍ଲାବାସୀଙ୍କୁ ଅଧିକ ମର୍ମାହତ କରିଛି।କଳାହାଣ୍ଡି ପେଷାଦାର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଅମଲା ଭବନ ଠାରେ ଶୋକସଭାର ଆୟୋଜନ କରାଯାଇଛି। ଡାକ୍ତର ପ୍ରଧାନଙ୍କ ବିୟୋଗ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଠାରୁ ସମସ୍ତ ବର୍ଗର ଲୋକଙ୍କ ମନରେ ଗଭୀର ଆଘାତ ଦେଇଥିବା ପ୍ରକାଶ।

# ଜିଲ୍ଲାର ସବୁ ପଞ୍ଚାୟତରେ ଭତ୍ତା ସ୍ପେଶାଲ ଡ୍ରାଇଭ

## ପ୍ରତି ମାସରେ ୨୦ଲକ୍ଷରୁ ହଡ଼ପ ହେଉଥିଲା



**ନୂଆପଡ଼ା, ୬।୬(ସମିସ):** ସରକାର ସାମାଜିକ ସୁରକ୍ଷା ଯୋଜନାରେ ବାର୍ଷିକ କୋଟି କୋଟି ଟଙ୍କା ବରାଦ କରିଥିବା ବେଳେ କେତେକ ଲାଭଖୋର ଅଧିକାରୀ, କର୍ମଚାରୀ ଏବଂ ଜନ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମୃତ୍ୟୁବରଣ କରିଥିବା କିମ୍ବା ଭୂତ ହିତାଧିକାରୀଙ୍କ ନାଁରେ ଚଞ୍ଚକତା କରି ବାର୍ଷିକ କୋଟିଏରୁ ଅଧିକ ଟଙ୍କା ସରକାରୀ ତହବିଲରୁ ଚଲୁ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହା ଉପରେ ସୁରକ୍ଷା ପାଇ ଜିଲ୍ଲାପାଳ ମିଶନ ମୋଡ଼ରେ ଜିଲ୍ଲାରେ କେତେ ଅନିୟମିତତା ହୋଇଛି ତାରି ଫର୍ଦ୍ଦ ଖୋଲିବାକୁ ଜିଲ୍ଲା ବ୍ୟାପି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ ଜିଲ୍ଲାର ସମସ୍ତ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସ୍ଥାନୀୟ ଜନ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ତାଲିକାର ଛାନ୍‌ଭିନ କରୁଛନ୍ତି। ଆମେ ଏହି କ୍ରମରେ ନୂଆପଡ଼ା ଜିଲ୍ଲା ସଦର ମହକୁମାର କେରମେଲୀପଞ୍ଚାୟତକୁ ଉଦାହରଣ ଭାବେ ନେଇଥିଲେ।ଏହି ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ୧୯୧ ହିତାଧିକାରୀ ଥିବାବେଳେ ୫ଜଣ ଭିନ୍ନକ୍ଷମ, ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସରେ ୭ଜଣ ହିତାଧିକାରୀ ଏବଂ ୧୧୩ଜଣ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ହିତାଧିକାରୀ ସାମିଲ ଅଛନ୍ତି।ଏଥିରୁ ୭ଜଣ ହିତାଧିକାରୀଙ୍କ ବିଗତ ଦିନରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହିଭଳି ସାଲିହା ପଞ୍ଚାୟତରେ ୨୦ଜଣ ହିତାଧିକାରୀଙ୍କ ମୃତ୍ୟୁ ଘଟିଥିବା ତଥ୍ୟ ଜଣା ପଡ଼ିଛି।ଜିଲ୍ଲାବ୍ୟାପୀ ୧୩୧ ପଞ୍ଚାୟତରେ ତଦନ୍ତ କଲେ ଅନ୍ୟୁନ ଦୁଇ ହଜାର ହିତାଧିକାରୀଙ୍କ ତାଲିକା ଆସିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।ମାସିକ ୧୦ରୁ ୨୦ଲକ୍ଷ ଟଙ୍କାର ତୋଷରପାତ ହେଉଥିଲା। ଏସବୁ ତାଲିକାରୁ ବାଦ ପଡ଼ିଲେ ଆହୁରି ନିରୀହ ହିତାଧିକାରୀଙ୍କୁ ସାମିଲ କରାଯାଇପାରିବ ବୋଲି କୁହାଯାଉଛି। ଜିଲ୍ଲାପାଳଙ୍କ ଭତ୍ତା ଡ୍ରାଇଭକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଶ୍ରମ ଆଇନକୁ ଖୋଲା ଉଲ୍ଲଂଘନ

# ପ୍ରଚଣ୍ଡ ତାତିରେ ଅସୁରକ୍ଷିତ ଭାବେ କାମ କରୁଛନ୍ତି ଶ୍ରମିକ

କଲମପୁର, ୬।୬(ସମିସ)

ସରକାର ବିଭିନ୍ନ କାର୍ଯ୍ୟ ପାଇଁ ଆଇନ ପ୍ରଣୟନ କରିଛନ୍ତି।ସେହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଶାସନକଳକୁ କ୍ଷମତା ଦେଇଛନ୍ତ। କିନ୍ତୁ ଆଇନକୁ ଅବମାନନା କରି ବିଭିନ୍ନ ପ୍ରକାରର କାମ ଚାଲୁଥିଲେ ମଧ ଶାସନକଳ କୌଣସି ପଦକ୍ଷେପ ଗ୍ରହଣ କରୁନି।ଫଳରେ ଆଇନ ଉଲ୍ଲଂଘନ କାମ ଅଞ୍ଚଳରେ ବୃଦ୍ଧି ଘଟିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ସମ୍ପାଦିତ ବିଭିନ୍ନ ଧାନମଣ୍ଡି କାମକୁ ଦେଖିଲେ ପ୍ରମାଣ ବାରି ହୋଇ ପଡ଼ିଛି। କଲାମପୁର ବ୍ଲକ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମରେ ଚାଷୀଙ୍କ ଲାଗି ନୂତନ ଭାବେ ଧାନମଣ୍ଡି ହେଉଛି। ନିର୍ମାଣ କାମ ଅଧପନ୍ତରିଆ ହୋଇଥିବା ବେଳେ ଏଠାରେ



ଏଯାଏଁ କୌଣସି ପ୍ରକାର ସୂଚନାଫଳକ ଲଗାଯାଇ ନାହିଁ।ଫଳରେ କାର୍ଯ୍ୟକର୍ତ୍ତା କିଏ, କେଉଁ ବିଭାଗରୁ କେତେ ଟଙ୍କା ବିନିମୟରେ ନିର୍ମିତ ହେଉଛି କୌଣସି ତଥ୍ୟ ମିଳି ପାରୁନାହିଁ। କାର୍ଯ୍ୟସ୍ଥଳରେ କୌଣସି ଠିକାଦାର କି ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ଥିବା ବେଳେ ଶ୍ରମିକମାନେ ନିୟୋଜିତ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଠାରେ ଶ୍ରମ ଆଇନକୁ ଖୋଲା ଉଲ୍ଲଂଘନ କରାଯାଇ ଦିନର ଦ୍ୱିପହରରେ ଡହଡହ ଖରାରେ ଶ୍ରମିକମାନେ ଅସୁରକ୍ଷିତ ଭାବେ କାମ କରୁଛନ୍ତି।ସରକାର ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ କରିବାକୁ ବାରଣ କରିଥିବା ବେଳେ ଏଠାରେ ନିୟମକୁ ପାଳନ କରାଯାଉ ନାହିଁ।ଶ୍ରମିକମାନେ ପ୍ରଚଣ୍ଡ ତାତିରେ ବଡ ବଡ ଲୁହାକୁ ବିନା ସୁରକ୍ଷା ସରଞ୍ଜାମରେ ମୁଣ୍ଡ ଉପରେ ଟେକି ଧରିବା ଦୃଶ୍ୟ ପ୍ରଶାସନର ପାରିଲା ପଣିଆକୁ ଦର୍ଶାଉଛି। ଏନେଇ ମୁଖିଗୁଡା ଆରଏମ୍‌ସି କର୍ତ୍ତୃପକ୍ଷ ଓ ଜିଲ୍ଲା ଶ୍ରମ ଅଧିକାରୀ ଫୋନ ନ ଉଠାଇବାରୁ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ■ କାଉଗୁଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ

# ଏନ୍‌ସିସି କ୍ୟାଡେଟଙ୍କ ଶ୍ରେଷ୍ଠ ପ୍ରଦର୍ଶନ

**ଲାଞ୍ଜିଗଡ଼, ୬।୬(ସମିସ):** କଳାହାଣ୍ଡିର ଲାଞ୍ଜିଗଡ଼ ଭଳି ଆଦିବାସୀ ଓ ଅନୁସୂଚିତ ଜାତି ବହୁଳ ଅଞ୍ଚଳରେ ଅନେକ ପ୍ରତିଭାବାନ ଶିକ୍ଷାର୍ଥୀ ରହିଛନ୍ତି। ସେମାନଙ୍କୁ ଉପଯୁକ୍ତ ସୁବିଧା, ସୁଯୋଗ ଏବଂ ପ୍ରଶିକ୍ଷଣ ମିଳିଲେ ଭବିଷ୍ୟତରେ ସେନାବାହିନୀ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ଚୟନ ହୋଇ ଅଞ୍ଚଳ ଓ ଜିଲ୍ଲାର ନାମ ଉଜ୍ଜ୍ୱଳ କରିପାରିବେ।ଏହି ଉକ୍ତିକୁ ପ୍ରମାଣିତ କରିଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାଉଗୁଡାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନେ। ଝାରସୁଗୁଡା ଜିଲ୍ଲା ବେଲପାହାଡ଼ସ୍ଥିତ ବି.ଆର ହାଇସ୍କୁଲରେ ଓଡ଼ିଶା ଏୟାର ସ୍କ୍ୱାର୍ଡନ ଏନ୍‌ସିସି ଦ୍ୱାରା ଆୟୋଜିତ ବାର୍ଷିକ ତାଲିମ ଶିବିରରେ ବିଦ୍ୟାଳୟର ୨୫ଜଣ ଏନ୍‌ସିସି କ୍ୟାଡେଟ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶିବିରରେ କ୍ୟାଡେଟମାନେ ଡ୍ରିଲ୍‌ରେ ପ୍ରଥମ, କ୍ରୀଡ଼ାରେ ପ୍ରଥମ, ଦଳଗତ ନୃତ୍ୟରେ ପ୍ରଥମ ଏବଂ ଏକକ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହିତ ବିଦ୍ୟାଳୟ ସାମଗ୍ରିକ ପ୍ରଦର୍ଶନରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା।



ଏନ୍‌ସିସି ସେକେଣ୍ଡ ଅଫିସର ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଏହି କ୍ୟାଡେଟମାନଙ୍କ ସଫଳତାରେ ଶ୍ରୀ ମିଶ୍ର ଖୁସି ବ୍ୟକ୍ତ କରିଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଅଞ୍ଚଳବାସୀ କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

